

ମୁଖ୍ୟ ପୀଠରେ ମା' ବୁଢ଼ୀ ଠାକୁରାଣୀ।



ପରମ୍ପରା ଅନୁଯାୟୀ ୭ ଘରକୁ ଚାନ୍ଦା ମାଗିବା ପାଇଁ ବାଜା ବାଜଣାରେ ଯାଉଛନ୍ତି ଦେଶୀବେହେରା।



ଜଣେ ଯୁବତୀ ଅସ୍ଥାୟୀ ପୀଠରେ ଝୋଟି ଚିତା ଆଙ୍କୁଛନ୍ତି।



ଅସ୍ଥାୟୀ ମଣ୍ଡପକୁ ଫୁଲ ଓ ଝୋଟିରେ ସଜାଯାଇଛି।

# ମନ୍ତ୍ରୋଚାରଣରେ ବୁଢ଼ୀଠାକୁରାଣୀଙ୍କୁ ଆବାହନ

### ଠାକୁରାଣୀ ଯାତ୍ରା ଆରମ୍ଭ
### ଆଜ୍ଞାମାଳ ପାଇଁ ବାହାରିଲା ଶୋଭାଯାତ୍ରା
### ୨ ଟନ ଫୁଲରେ ଅସ୍ଥାୟୀ ମଣ୍ଡପ ସାଜସଜ୍ଜା

ବ୍ରହ୍ମପୁର,୩।୪(ସ୍ମୃତି ରଞ୍ଜନ ମହାଲିକ)– ବ୍ରହ୍ମପୁର ଅଧିଷ୍ଠାତ୍ରୀ ଦେବୀ ମା' ବୁଢ଼ୀ ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ଗୁରୁବାର ଆରମ୍ଭ ହୋଇଛି। ସକାଳେ ମା'ଙ୍କ ଆଗମନ ପାଇଁ ଧେଣ୍ଡୁରା ପିଟାଯାଇଥିଲା। ଯାତ୍ରା ପରିଚାଳକ ପାତାଳା ଦୁର୍ଗା ପ୍ରସାଦ ଦେଶୀବେହେରା ଠାକୁରାଣୀଙ୍କ ସ୍ଥାୟୀ ମନ୍ଦିରକୁ ଯାଇ ଆଜ୍ଞାମାଳ ଆସିବା ପାଇଁ ସମୟ, ଯାତ୍ରା ସମୟ ଓ ଯାତ୍ରା ସରିବା ସମୟ ସମ୍ପର୍କରେ ମା'ଙ୍କୁ ଅବଗତ କରିଥିଲେ। ପୂଜାର୍ଚ୍ଚନା ପରେ ମୁଖ୍ୟ ମନ୍ଦିରରେ ସମସ୍ତ ପ୍ରସ୍ତୁତି ସରିଥିବା ନେଇ ଠାକୁରାଣୀଙ୍କ ମୁଖ୍ୟ ପୂଜକ କହିଥିଲେ। ଭୋରରୁ ମା ଠାକୁରାଣୀଙ୍କ ମାର୍ଜନା, ସିଙ୍ଗାର ମୁଖ, ଆଳତୀ ଓ ସର୍ବସାଧାରଣଙ୍କ ବାଳ ଭୋଗ ହୋଇଥିଲା। ପୂର୍ବାହ୍ନ ୧୦ଟାରେ ମୁଖ୍ୟ ଆଳତୀ, ଦହି ଅନ୍ନ ଭୋଗ, ମଙ୍ଗଳ ଆଳତୀ ପରେ ଦେଶୀ ବେହେରାଙ୍କ ଡାକରା ଆସିଥିଲା। ଅପରାହ୍ନରେ ଠାକୁରାଣୀଙ୍କ ରାଜଭୋଗ ଓ ଅନ୍ନଭୋଗ କରାଯାଇଥିଲା। ସନ୍ଧ୍ୟାରେ ପୂଜାର୍ଚ୍ଚନା କରାଯାଇଥିଲା। ମା'ଙ୍କ ଆଗମନକୁ ଦୃଷ୍ଟିରେ ରଖି ଅସ୍ଥାୟୀ ମଣ୍ଡପରେ ଶଙ୍କରପୁର ସାହିର ବାଉରି ସଂପ୍ରଦାୟ ପକ୍ଷରୁ ପରମ୍ପରା ଅନୁଯାୟୀ ଝୋଟି ଓ ଚିତା ପକାଯାଇଥିଲା। ମହିଳାମାନେ ଠାକୁରାଣୀଙ୍କ ଗୀତ ଗାଇ ଆସ୍ଥାନ ଓ କାନ୍ଥ ଲିପାପୋଛା କରିଥିଲେ। ଖଡି ଓ ଚୂନରେ ବିଭିନ୍ନ ପ୍ରକାର ଫୁଲ ଆଙ୍କି ସଜ୍ଜିତ କରିଥିଲେ। ଗୋବରରେ ଲିପାଯିବା ପରେ ଝୋଟି ପକାଯାଇଥିଲା। ଦୀର୍ଘ ବର୍ଷ ଧରି ମା'ଙ୍କ ଏହି କାର୍ଯ୍ୟ କରି ଆସୁଛୁ, ଖୁସି ଲାଗୁଛି ବୋଲି ଆଲିସା ଦାସ ଓ କାମନୀ ଦାସ କହିଛନ୍ତି। ଅସ୍ଥାୟୀ ମଣ୍ଡପ ସାଜସଜ୍ଜା ପାଇଁ ରାଜମହେନ୍ଦ୍ରୀରୁ ୨ ଟନରୁ ଊର୍ଦ୍ଧ୍ୱ ଫୁଲ ଆସିଛି। ବହୁ ପରିମାଣର ଫୁଲରେ ମା'ଙ୍କ ପ୍ରତିକୃତି ନିର୍ମାଣ କରାଯିବା ସହ ଗେଣ୍ଡୁ ଫୁଲରେ ସଂପୂର୍ଣ୍ଣ ଅସ୍ଥାୟୀ ମଣ୍ଡପକୁ ସଜାଯାଇଛି।

ସନ୍ଧ୍ୟାରେ ସୀତାରାମ ସାହି ସୀମାଦ୍ରୀ ରାଉଳଙ୍କ ଘରୁ ଇଟିମଳା ଫୁଲ ମା'ଙ୍କ ପୀଠମ ଘରକୁ ଆସିଥିଲା। ଫୁଲ ସୁନ୍ଦରୀ ସାହି ମେଦ୍ରି ସାହିରୁ ଚାଙ୍ଗୁଡି ଆସିବା ପରେ ପୂଜାର୍ଚ୍ଚନା ହୋଇଥିଲା। ଦେଶୀ ବେହେରା ଓ ତାଙ୍କ ପତ୍ନୀ ଦେବକୀ ପୀଠ ଘରେ ପୂଜାର୍ଚ୍ଚନା କରିଥିଲେ। ପରମ୍ପରା ଅନୁଯାୟୀ ମାଙ୍କ ଯାତ୍ରା ପାଇଁ ୭ ଘରକୁ ଚାନ୍ଦା ମାଗିବା ପାଇଁ ଯାତ୍ରା ପରିଚାଳକ ବାଜ ବାଜଣାରେ ଯାଇଥିଲେ। ଏହାପରେ ଅସ୍ଥାୟୀ ମଣ୍ଡପ ନିକଟକୁ ଫେରିଥିଲେ।

ସିଦ୍ଧାନ୍ତି ପୁରୋହିତଙ୍କ ଧାର୍ଯ୍ୟ ସମୟ ପ୍ରକାରେ ରାତି ୧୨ଟାରେ ମା'ଙ୍କ ଆଜ୍ଞାମାଳ ପାଇଁ ଦେଶୀ ବେହେରା ସାହିଠାରୁ ଏକ ଶୋଭାଯାତ୍ରା ବାହାରିବ।



ମା'ଙ୍କୁ ଆବାହନ ପାଇଁ ପ୍ରସ୍ତୁତ ହୋଇଥିବା ଫୁଲଚାଙ୍ଗୁଡି।

ତଦନୁଯାୟୀ, ଶୋଭାଯାତ୍ରାରେ ମାଙ୍କ ପ୍ରିୟ ଚାଙ୍ଗୁ ବାଦ୍ୟ ସମେତ ଝୁଣା, ଢୋଲ, ତୁରୀ, ଶଙ୍ଖ ଆଦି ବାଦନ କରାଯିବ। ବହୁ ମାନସିକ ବେଶଧାରୀଙ୍କ ସହ ଦେଶୀ ବେହେରାଙ୍କ ସ୍ତ୍ରୀ ଦେବକୀ ଚାଙ୍ଗୁଡିକୁ ମୁଣ୍ଡାଇ ମାଙ୍କ ମୁଖ୍ୟ ମନ୍ଦିର ଅଭିମୁଖେ ବାହାରିବେ। ଯିବା ସମୟରେ ପ୍ରତି ସାହିରେ ଶାଢି ଦ୍ୱାରା ପହଡ ପକାଯିବ। ମୁଖ୍ୟ ମନ୍ଦିରରେ ଶୋଭାଯାତ୍ରା ପହଂଚିବା ପରେ ଦେଶୀ ବେହେରା ସାଙ୍ଗରେ ନେଇଥିବା ଇଟିମଳା ଫୁଲକୁ ମା ଠାକୁରାଣୀଙ୍କ ମସ୍ତକରେ ରଖାଯାଇ ପୂଜକଙ୍କ ଦ୍ୱାରା ମନ୍ତ୍ର ପାଠରେ ମା'ଙ୍କୁ ଆବାହନ କରାଯିବ। ଦେଶୀ ବେହେରା ମଧ ମାଙ୍କ ନିକଟରେ ଗୁହାରି ପଡିବେ। ରାତି ୩ଟାରୁ ଭୋର ୪ଟା ୩୦ରେ ଠାକୁରାଣୀ ଅସ୍ଥାୟୀ ମଣ୍ଡପକୁ ଫେରିବା ସମୟ ଧାର୍ଯ୍ୟ ହୋଇଛି।

# ପୂର୍ବତନ ମେୟରଙ୍କ ନାମରେ ମାମଲା ରୁଜୁ

### ଦୋକାନ ଗୃହ ଭଙ୍ଗାରୁଜା ଅଭିଯୋଗ

ଗୋପାଳପୁର,୩।୪(ନବୀନ ରାଜ ଆଚାରୀ) ଗୋଳନ୍ଥରା ଥାନା ଅଞ୍ଚଳରେ ଘର ଭଙ୍ଗାରୁଜା କରିବା ସହ ବିଭିନ୍ନ ସାମଗ୍ରୀ ନଷ୍ଟ କରିଥିବା ନେଇ ଗୁରୁବାର ସ୍ଥାନୀୟ ଥାନାରେ ବ୍ରହ୍ମପୁର ମହାନଗର ନିଗମର ପୂର୍ବତନ ମେୟର ଶିବ ଶଙ୍କର ଦାଶଙ୍କ ନାମରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନାନୁସାରେ ଗୋଷାଣୀ ନୂଆଗାଁ ଅଞ୍ଚଳର ଲଳିତ ମଙ୍ଗରାଜଙ୍କ ସହ ପୂର୍ବତନ ମେୟର ଦାଶଙ୍କ ହଳଦିଆପଦର ମୌଜାରେ ଥିବା ୨୩୫ ଡେସିମିଲ ବିଶିଷ୍ଟ ଏକ ଜମିର ମାଲିକାନା ନେଇ ବିବାଦ ରହିଛି। ଏ ନେଇ ହାଇକୋର୍ଟରେ କେସ୍ ନଂ. ଆରଏସଏ ୪୮୪ ଓ ୪୮୫/୨୪ରେ ମାମଲା ବିଚାରଧୀନ ଅଛି। ଉକ୍ତ ଜମିରେ ଦୁଇଟି ଦୋକାନ ଗୃହ ରହିଛି। ଗୁରୁବାର ସକାଳେ ପୂର୍ବତନ ମେୟର ଦାଶଙ୍କ ସହ ୨୦ରୁ ଊର୍ଦ୍ଧ୍ୱ ଯୁବକ ବାଇକ୍ ଓ ସ୍କୁଟିରେ ବନ୍ଧୁକ, ଖଣ୍ଡା, ଲାଠି ଓ ଲୁହା ରଡ଼ ଧରି ଆସି ହିଟାଚି ମାଧମରେ ଦୁଇଟି ଦୋକାନ ଗୃହକୁ ଭାଙ୍ଗି ଦେବା ସହ ଦୋକାନରେ ଥିବା ସାମଗ୍ରୀକୁ ନଷ୍ଟ କରିଦେଇଥିଲେ। ଲଳିତଙ୍କୁ ବିଭିନ୍ନ ଧମକ ଚମକଚମକ ଦେଇଥିଲେ। ଏ ନେଇ ଲଳିତ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୂର୍ବତନ ମେୟର ଦାଶ ଓ ୨୦ରୁ ଊର୍ଦ୍ଧ୍ୱ ଜଣଙ୍କ ନାମରେ ପୋଲିସ ନଂ .୧୩୭/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଗଜପତିନଗର ପ୍ରାଥମିକ ବିଦ୍ୟାଳୟରେ ଖଡ଼ିଛୁଆଁ



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ସ୍କୁଲ କର୍ମଚାରୀ।

ବ୍ରହ୍ମପୁର,୩।୪(ଅଶୋକ କୁମାର ସାହୁ) ସ୍ଥାନୀୟ ଗଜପତିନଗର ୫ମ ଲାଇନର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହା ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି କାର୍ଯକ୍ରମରେ ୩୫ନଂ. ୱାର୍ଡ କର୍ପୋରେଟର ସମୀର କୁମାର ମିଶ୍ର, ଶିକ୍ଷାବିତ ରାଜେନ୍ଦ୍ର କୁମାର ପଣ୍ଡାଙ୍କ ସମେତ ଅଞ୍ଚଳର ବୁଦ୍ଧିଜୀବୀ ଯୋଗଦେଇଥିଲେ। ସ୍କୁଲ ପରିଚାଳନା କମିଟି ଅଧକ୍ଷା ତପସ୍ୱିନୀ ବେହେରା, ସଭ୍ୟା ବିଜନ ବାସିନୀ ସାହୁ, କୁମୁଦିନୀ ମଣ୍ଡଳ ସହକାରୀ ଶିକ୍ଷୟିତ୍ରୀ ମମତା ପାଣିଗ୍ରାହୀ ପ୍ରଧାନ ଶିକ୍ଷକ ଈଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ରହି ବିଦ୍ୟାରମ୍ଭ ସହ ନାମନମୋଦ କରିଥିଲେ। ନୂତନ ଛାତ୍ରୀଛାତ୍ରଙ୍କୁ ଫୁଲଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସାକ୍ଷରତା ଷ୍ଟଲ, ସଂଖ୍ୟା ଜ୍ଞାନ ଷ୍ଟଲ, ସୃଜନାତ୍ମକ ଷ୍ଟଲ ଗଠନ କରାଯାଇଥିଲା। ଅଭିଭାବକ ଓ ପିଲାମାନଙ୍କୁ ଏହି ଷ୍ଟଲ ବୁଲାଇବା ସହ ଶ୍ରେଣୀ କକ୍ଷ ବୁଲାଇଥିଲେ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ରକ୍ତଦାନ ଶିବିର

ବ୍ରହ୍ମପୁର,୩।୪(ସୁବାସ ଚନ୍ଦ୍ର ପାଢ଼ୀ) ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନୂତନ ସମ୍ମିଳନୀ କକ୍ଷରେ ଗୁରୁବାର ଓଡିଶା ସରକାରଙ୍କ ଦ୍ୱାରା ଓଡ଼ିଆ ପକ୍ଷ ପାଳନ ଅବସରରେ ଜାତୀୟ ସେବା ଯୋଜନା ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। କୁଳପତି ପ୍ରଫେସର୍ ଗୀତାଞ୍ଜଳି ଦାଶ ଏହାକୁ ଉଦଘାଟନ କରି ଏନ ଏସ ଏସ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ଜାତୀୟ ସେବା ଯୋଜନା ବ୍ରହ୍ମପୁର ବୁରୋ ଅଧିକାରୀ ଡ. ଜୟନ୍ତ କୁମାର ପଣ୍ଡା ଯୋଗ ଦେଇ ସ୍ୱେଚ୍ଛାସେବୀ ଓ ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ପିଜି କାଉନସିଲ ଅଧକ୍ଷ ପ୍ରଫେସର୍ ସୁକାନ୍ତ କୁମାର ତ୍ରିପାଠୀଙ୍କ ପ୍ରେରଣାରେ, ଆୟୋଜିତ ଶିବିରରେ ୧୨୦ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଏହି ଶିବିରକୁ କାର୍ଯ୍ୟକ୍ରମ ଅଧିକାରୀ ଡ. ଶଙ୍କର୍ଷଣ ମଲ୍ଲିକ ଏବଂ ଡ. ଦୀପକ ନାୟକ ପରିଚାଳନା କରିଥିଲେ । ବ୍ରହ୍ମପୁର ବ୍ଲଡ଼ ବ୍ୟାଙ୍କର ସୁଶାନ୍ତ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ୮ ଜଣିଆ ଟିମ ଶିବିର ପରିଚାଳନା କରିଥିଲେ। ବ୍ଲଡ଼ ବ୍ୟାଙ୍କ ତରଫରୁ ଡ଼ ଶଙ୍କର୍ଷଣ ମଲ୍ଲିକଙ୍କୁ ମେମେଣ୍ଟୋ ଓ ପ୍ରମାଣପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ଚୋରି ଘଟଣାରେ ଜେଜେବିରେ ହାଜର ହେଲେ ନାବାଳକ

ବ୍ରହ୍ମପୁର,୩।୪(ସୁବାସ ଚନ୍ଦ୍ର ପାଢ଼ୀ) ବୈଦ୍ୟନାଥପୁର ଥାନା ପୋଲିସ ଜଣେ ନାବାଳକଙ୍କୁ ଚୋରି ଘଟଣାରେ ସଂପୃକ୍ତ ଥିବା ଅଭିଯୋଗରେ ଧରିଛି। ସେ କବିସୂର୍ଯ୍ୟନଗର ଅଞ୍ଚଳର ହୋଇଥିବା ବେଳେ ତାଙ୍କ ବୟସ ୧୬ । ସେ ଖୋର୍ଦ୍ଧା, ନୟାଗଡ, ଉଭୟ ବ୍ରହ୍ମପୁର ଓ ଗଞ୍ଜାମ ପୋଲିସ ଜିଲା ସମେତ ଅନେକ ସ୍ଥାନରୁ ଚୋରି କରୁଥିବା ଜଣାପଡିଛି। ପୂର୍ବରୁ ଏକ ଚୋରି ଘଟଣାରେ ନୟାଗଡ଼ ପୋଲିସ ତାଙ୍କୁ ଧରି ସେଠାକାର ଜୁଭେନାଇଲ ଜଷ୍ଟିସ ବୋର୍ଡ଼(ଜେଜେବି)ରେ ହାଜର କରି ପରେ ବାଳସୁଧାର ଗୃହକୁ ପଠାଇଥିଲା। ସେ ଗତ ମାର୍ଚ୍ଚ ୨୭ ତାରିଖରେ ବାଳସୁଧାର ଗୃହରୁ ବାହାରିଥିଲେ। ବୈଦ୍ୟନାଥପୁର ପୋଲିସ ତାଙ୍କୁ କବିସୂର୍ଯ୍ୟନଗର ଅଞ୍ଚଳରୁ ଧରିଥିଲା। ପରେ ତାଙ୍କ ବୟାନ ଅନୁସାରେ ବିକ୍ରି କରିଥିବା ଦୁଇଟି ଲାପଟପ ଓ ଗୋଟିଏ ମୋବାଇଲ ଜବତ କରିଛି। ନାବାଳକଙ୍କୁ ଗୁରୁବାର ଜେଜେବିରେ ହାଜର ପରେ ତାଙ୍କୁ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି।

ବ୍ରହ୍ମାନଗରରେ ରହୁଥିବା ବିଶାଲ ମହାପାତ୍ରଙ୍କ ଘରୁ ୨୦୨୪ ନଭେମ୍ବର ୨୩ ତାରିଖରେ ୨ଟି ଲାପଟପ ଓ ୨ଟି ମୋବାଇଲ ଫୋନ୍ ଚୋରି ହୋଇଥିଲା। ତାଙ୍କ ଅଭିଯୋଗ ପରେ ପୋଲିସ ନଂ.୫୫୩/୨୪ ରେ ମାମଲା ରୁଜୁ କରିଥିଲା। ସିସିଟିଭି ତଦନ୍ତ ବେଳେ ଜଣେ ନାବାଳକ ଅଭିଯୋଗକାରୀ ବିଶାଳଙ୍କ ଘରୁ ଏକ ଜରି ଅଖାରେ କିଛି ସାମଗ୍ରୀ ଧରି ଯାଉଥିବା ଦେଖାଯାଇଥିଲା। ପରେ ମୋବାଇଲ ଟ୍ରାକିଂ ବେଳେ ସୁଇଚ ଅଫ ଥିବାରୁ ପୋଲିସକୁ ସମସ୍ୟା ହୋଇଥିଲା। କିଛିଦିନ ପରେ ଉକ୍ତ ମୋବାଇଲ ଟ୍ରାକିଂ କରି ପୋଲିସ ସୋରଡାରେ ପହଞ୍ଚି ଜଣେ ବ୍ୟକ୍ତିଙ୍କ ନିକଟରୁ ଉକ୍ତ ମୋବାଇଲ ସହ ୨ଟି ଲାପଟପ ଜବତ କରିଥିଲା। ହେଲେ ଉକ୍ତ ସାମଗ୍ରୀ ଗୁଡିକ ଜଣେ ଯୁବକ ତାଙ୍କୁ ବିକ୍ରି କରିଥିବା ସେ ପୋଲିସକୁ କହିଥିଲେ। ପରେ ପୋଲିସ ପ୍ରକୃତ ଚୋରଙ୍କ ସମ୍ପର୍କରେ ଜାଣିବାକୁ ପାଇଥିଲା। ସେତେବେଳେ ନାବାଳକ ଜଣଙ୍କ ଜେଜେବିରେ ଥିଲେ। ସେଠାରୁ ସେ ଗତ ୨୭ରେ ବାହାରିବେ ବୋଲି ଜଣାପଡିଥିଲା। ପୋଲିସ ବୁଧବାର ତାଙ୍କୁ ଧରିଛି। ଅନ୍ୟ ଏକ ଚୋରି ମୋବାଇଲ ଟ୍ରାକିଂ ବେଳେ ମହାରଷ୍ଟ୍ର ଲୋକେସନ ରହିଥିବା ପୋଲିସ ଜଣିବାକୁ ପାଇଛି।

# ଖଣ୍ଡଦେଉଳି ପିଏମଶ୍ରୀ ସ୍କୁଲର ବାର୍ଷିକୋତ୍ସବ

ଗଞ୍ଜାମ,୩।୪ (ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ପିଏମଶ୍ରୀ ସ୍କୁଲର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଡା.ଶଙ୍କର ନାରାୟଣ ବେଜଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ସମ୍ମାନିତ ଅତିଥିଭାବେ ଡିପିସି ଅଧିକାରୀ ସଂଯୋଜିକା ସାବିତ୍ରୀ ବାଳା ଦାଶ, ବ୍ଲକ୍ ପୂର୍ବତନ ଅଧକ୍ଷ ତଥା ରାଜ୍ୟ ଫୁଡ କର୍ପୋରେସନ ଇଣ୍ଡିଆର ସଦସ୍ୟ ଡା.ପ୍ରଶାନ୍ତ ନାୟକ, ସରପଞ୍ଚ ବୈରାଗି ବେହେରା, ସମିତିସଭ୍ୟା ଏସ୍.ସାବିତ୍ରୀ, ଏସ୍ଏମ୍ସି ସଭାପତି ରାମ ଜେନା, ସାମାଜୀକ କର୍ମୀ ସନ୍ତୋଷ ମହାପାତ୍ର, ରାଜ କିଶୋର ସ୍ୱାଇଁ ପ୍ରମୁଖ ମଞ୍ଚସୀନ ଥିଲେ। ପୂର୍ବରୁ ଆୟୋଜିତ କ୍ରୀଡା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜନଜାତି ଶିକ୍ଷା ସଂଯୋଜକ ଡା.ସରୋଜ, ଶୈକ୍ଷିକ ସଂଯୋଜକ ସନ୍ତୋଷ ପଣ୍ଡା ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସଂସ୍କୃତ ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ବଡ଼ଜେନା ବେଦ ପାଠ କରିଥିଲେ। ଶିକ୍ଷକ ବିଘ୍ନରାଜ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ବିଧାୟକ ଅତିରିକ୍ତ ଶ୍ରେଣୀଗୃହ ପାଇଁ ଦଶଲକ୍ଷ ଟଙ୍କା ପ୍ରଦାନ କରିବେ ବୋଲି କହିଥିଲେ।

# ମାସିକ ଦରମା ୧୮ ହଜାର ଦେବାକୁ ଦାବି

### ଆଶା କର୍ମୀ ସାମୁଖ୍ୟର ରାଜ୍ୟ କାର୍ଯ୍ୟକାରିଣୀ ସଭା




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବ୍ରହ୍ମପୁର,୩।୪(ଅଶୋକ କୁମାର ସାହୁ) ବିଜୁ ଶ୍ରମିକ ସାମ୍ମୁଖ୍ୟ ସହବନ୍ଧିତ ଅଲ୍ ଓଡ଼ିଶା ଆଶା କର୍ମୀ ସାମ୍ମୁଖ୍ୟ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଆଶା ସଂଘ ରାଜ୍ୟ ସଭାପତି ମମତା ଦାସଙ୍କ ସଭାପତିତ୍ୱରେ ଗଞ୍ଜାମ ଜିଲା ବ୍ରହ୍ମପୁର ସ୍ଥିତ ଏନ୍‌ଜିଓ ହଲ୍ ଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ଦିନ ଠାରୁ ଓଡ଼ିଶାର ସ୍ୱାସ୍ଥ୍ୟ କ୍ଷେତ୍ରରେ ଆଶା କର୍ମୀଙ୍କ ପ୍ରମୁଖ ଭୂମିକା ଥିଲେ ବି ସେମାନଙ୍କ ଦାବି ପ୍ରତି ସରକାର ଭୃକ୍ଷେପ କରୁନାହାନ୍ତି। ଏହି ପରିପ୍ରେକ୍ଷୀରେ ଆଶା କର୍ମୀଙ୍କୁ ଶ୍ରମିକ ମାନ୍ୟତା ସହ ଜାତୀୟ ସ୍ୱାସ୍ଥ୍ୟ ମିଶନ୍‌କୁ ସ୍ଥାୟୀ କରିବା, ସର୍ବନିମ୍ନ ମାସିକ ଦରମା ୧୮୦୦୦ଟଙ୍କା, ଅବସରକାଳୀନ ଭତ୍ତା ୫ ଲକ୍ଷ ଟଙ୍କା ପ୍ରଦାନ, ଅବସରକାଳୀନ ବୟସ ସୀମା ୬୨-୬୫ ବର୍ଷକୁ ବୃଦ୍ଧି, ବିଭିନ୍ନ ସରକାରୀ ସ୍କିମ୍‌ରେ ପ୍ରଚଳିତ ପ୍ରୋତ୍ସାହନ ରାଶିକୁ ଦ୍ୱିଗୁଣିତ କରିବା, ମୃତ୍ୟୁକାଳୀନ ଏବଂ ଦୁର୍ଘଟଣା ବୀମା ରାଶି ୫ ଲକ୍ଷ ଟଙ୍କା ପ୍ରଦାନ, ଇଏସ୍‌ଆଇ ଏବଂ ଇପିଏଫ୍ ଯୋଜନାରେ ଅନ୍ତର୍ଭୁକ୍ତ କରିବା, ଏଏନ୍‌ଏମ୍ ସମ୍ବନ୍ଧୀୟ ଶିକ୍ଷା ପ୍ରଦାନ ସହ ସ୍ଥାୟୀ ନିଯୁକ୍ତି କରିବା ଆଦି ୧୦ ଦଫା ଦାବି ପୂରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ଦେବା ପାଇଁ ନିଷ୍ପତ୍ତି ହୋଇଥିଲା। ୩ ମାସ ଭିତରେ ଦାବି ପୂରଣ ନହେଲେ ବିଧାନସଭା ଆଗରେ ବିକ୍ଷୋଭ କରିବାକୁ ସ୍ଥିର କରାଯାଇଥିଲା। ବୈଠକରେ ମୁଖ୍ୟ ଅତିଥି ଭାବେ ଅଲ୍ ଓଡ଼ିଶା ଆଶା ସଂଘ ରାଜ୍ୟ ଉପଦେଷ୍ଟା ତଥା ବିଜୁ ଶ୍ରମିକ ସାମ୍ମୁଖ୍ୟ ରାଜ୍ୟ ଉପସଭାପତି ଯୋଗେନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଶା ଭଉଣୀମାନଙ୍କର ସମସ୍ତ ଦାବୀ ପୂରଣ ପାଇଁ ଏକତା ଏବଂ ସଙ୍ଗଠନକୁ ମଜବୁତ କରି ସମସ୍ତେ ଆଗେଇ ଆସିବାକୁ ପରାମର୍ଶ ଦେଇଛନ୍ତି । ମୁଖ୍ୟବକ୍ତା ଆଶା ସାମ୍ମୁଖ୍ୟ ସଂଯୋଜକ ନିରଞ୍ଜନ ପାତ୍ର, ସମ୍ମାନନୀୟ ଅତିଥି ଭାବେ ଅନ୍ୟତମ ମୁଖ୍ୟ ସଂଯୋଜକ ପ୍ରଦୀପ ନାୟକ ଯୋଗ ଦେଇଥିଲେ । ରାଜ୍ୟ ସଂଘର କାର୍ଯ୍ୟକାରୀ ସଭାପତି ପଙ୍କଜିନୀ ନାୟକ ସ୍ୱାଗତ ଭାଷଣ ଦେଇଥିଲ। ସାଧାରଣ ସମ୍ପାଦିକା ରିତାଞ୍ଜଳି ବେହେରା ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ । ରାଜ୍ୟ ସମ୍ପାଦିକା ସୌଦାମିନୀ ସାମଲ, ରାଜଶ୍ରୀ ରେଡ୍ଡି, ଚନ୍ଦ୍ରମା ସିଂହ, ସୁମିତା କୁଲୁସିକାଙ୍କ ସମେତ ୩୦ ଜିଲାରୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ନିଷ୍ଟ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ କୃତିତ୍ୱ

ଗୋପାଳପୁର,୩।୪(ନବୀନ ରାଜ ଆଚାରୀ)

ଫେଡେରେଶନ ଅଫ ଇଣ୍ଡିଆନ ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି) ପକ୍ଷରୁ ବେଷ୍ଟ ଆନିମେଟେଡ଼ ଫିଲ୍ମ (ବିଏଏଫ) ଆୱାର୍ଡ ମୁମ୍ବାଇର ଏକ ପ୍ରତିଷ୍ଠିତ ହୋଟେଲରେ ଅନୁଷ୍ଠିତ ହୋଇଥିଲା। ଏଥିରେ ନିଷ୍ଟ ବିଶ୍ୱବିଦ୍ୟାଳୟ ୩ ଛାତ୍ର ଓ ଜଣେ ଛାତ୍ରୀ ମେଟା ଆଟିଭର୍ସର ପ୍ରକଳ୍ପ ମହାକୁମ୍ଭ ଭର୍ଚୁଆଲ୍ ବାସ୍ତବତା ଅଭିଜ୍ଞତା ଫିକି ୨୦୨୫ର ଶ୍ରେଷ୍ଠ ଏକ୍ସଟେଣ୍ଡେଡ୍ ରିଆଲିଟିରେ ସର୍ବୋତ୍ତମ ବ୍ୟବହାରରେ ପ୍ରଥମ ହେବା ସହ ପୁରସ୍କାର ପାଇଛନ୍ତି। ନିଷ୍ଟ ବିଶ୍ୱବିଦ୍ୟାଳୟ ତୃତୀୟ ବର୍ଷ କମ୍ପ୍ୟୁଟର ବିଭାଗ ଛାତ୍ର ଅରବିନ୍ଦ କୁମାର ସାହୁ, ଦ୍ୱିତୀୟ ବର୍ଷ ଛାତ୍ର ସୂର୍ଯ୍ୟକାନ୍ତ ମହନ୍ତ, ଛାତ୍ରୀ ସ୍ନେହା ଝା ଓ ବିକାଶ ବିଶୋୟୀଙ୍କ ପ୍ରକଳ୍ପଟି ଏକ୍ସଟେଣ୍ଡେଡ୍ ରିଆଲିଟି ମାଧ୍ୟମରେ ଐତିହାସିକ ସାଂସ୍କୃତିକ ଶିକ୍ଷାକୁ ବୃଦ୍ଧି କରିବାର କ୍ଷମତା ପାଇଁ ସ୍ୱତନ୍ତ୍ର ଥିଲା। ମେଟା ଆଟିଭର୍ସର ଏହି ସଫଳତା ପାଇଁ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଡ଼. ସୁକାନ୍ତ କିଶୋର ମହାପାତ୍ର, କୁଳପତି ଡ଼. ପ୍ରିୟଦର୍ଶନ ପାତ୍ର ଛାତ୍ରୀଛାତ୍ରମାନଙ୍କ ସହ ସେମାନଙ୍କର ଉପଦେଷ୍ଟା ପ୍ରଫେସର ସନ୍ତୋଷ କୁମାର କର ଓ କମ୍ପ୍ୟୁଟର ବିଭାଗୀୟ ମୁଖ୍ୟ ଡ଼. ବ୍ରଜକିଶୋର ମିଶ୍ରଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

# ବେଲଗୁଣ୍ଠା ବ୍ଲକ୍ ଅଧକ୍ଷାଙ୍କ ଦାୟିତ୍ୱ ଗ୍ରହଣ

### ସମସ୍ତଙ୍କୁ ନେଇ କାର୍ଯ୍ୟ କରିବି: ମମତା



ବେଲଗୁଣ୍ଠା,୩।୪(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ) ବେଲଗୁଣ୍ଠା ବ୍ଲକ୍‌ର ପ୍ରାକ୍ତନ ଅଧକ୍ଷ ପ୍ରଶାନ୍ତ ନାୟକଙ୍କ ଦେହାନ୍ତ ପରେ କିଛିଦିନ ଧରି ଉପାଧକ୍ଷା ପ୍ରମିଳା ପ୍ରଧାନ ଅଧକ୍ଷ ଦାୟିତ୍ୱ ତୁଲାଇଥିଲେ। ପରେ ବ୍ଲକ୍ ଅଧକ୍ଷ ଉପ ନିର୍ବାଚନରେ ବଡ଼ବୋର୍ସିଂ ସମିତିସଭ୍ୟା ମମତା ଭୋଳ ବିଜୟୀ ହୋଇଥିଲେ। ସେ ଗୁରୁବାର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଗୁରୁବାର ବେଲଗୁଣ୍ଠା ଆରାଧ ଲକ୍ଷ୍ମୀ ନୃସିଂହଙ୍କ ନିକଟରେ ମମତା ପୂଜାର୍ଚ୍ଚନା କରି ଦିନ ୧୨ଟାରେ ପଞ୍ଚାୟତ ସମିତି କାର୍ଯ୍ୟାଳୟସ୍ଥିତ ଅଧକ୍ଷଙ୍କ ପ୍ରକୋଷ୍ଠରେ ପହଞ୍ଚି ଦାୟିତ୍ୱ ଗ୍ରହଣ କରିଥିଲେ। ତାଙ୍କୁ ବ୍ଲକ୍ ପ୍ରଶାସନ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ନୂତନ ବ୍ଲକ୍ ଅଧକ୍ଷା ମମତାଙ୍କୁ ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ବଡ଼ ବୋର୍ସିଂ ସରପଞ୍ଚ ତଥା ବ୍ଲକ୍ ବିଜେଡ଼ି ସଭାପତି ଏସ୍ ରାମେଶ୍ୱର ପାତ୍ର, ବେଣିପଲ୍ଲୀ ସରପଞ୍ଚ ଦୁର୍ଗା ମାଧବ ନାୟକ, ଜିଲା ପରିଷଦ ସଭ୍ୟା ପୂର୍ଣ୍ଣବାସୀ ନାୟକ, ପୂର୍ବତନ ସରପଞ୍ଚ ଚନ୍ଦ୍ର ଶେଖର ନାୟକ, ସରପଞ୍ଚ ସୁପ୍ରଭା ଗୌଡ଼, ସମିତିସଭ୍ୟ ସୁଧାଂଶୁ ଶେଖର ପୋଲାଇ, ଦେବେନ୍ଦ୍ର ଗୌଡ଼, ପୂର୍ବତନ ସରପଞ୍ଚ ରାଜେନ୍ଦ୍ର ଗୌଡ଼, ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରୁ ଆସିଥିବା ଜିଲା ପରିଷଦ ସଭ୍ୟ ଏବଂ ବହୁ କର୍ମୀ ଉପସ୍ଥିତ ରହି ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଆଗାମୀ ଦିନରେ ସମସ୍ତଙ୍କୁ ନେଇ ବେଲଗୁଣ୍ଠା ବ୍ଲକ୍‌ର ଉନ୍ନୟନମୂଳକ କାର୍ଯ୍ୟ କରିବେ ବୋଲି ମମତା କହିଛନ୍ତି।

# ସହକାରୀ ଯନ୍ତ୍ରୀ, ଜିପିଇଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଜି.ଉଦୟଗିରି,୩।୪(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ବ୍ଲକର ସହକାରୀ ଯନ୍ତ୍ରୀ ବାଳକୃଷ୍ଣ ମିଶ୍ର ଓ ଭାରପ୍ରାପ୍ତ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ କୁମରମଣି ମଲ୍ଲିକଙ୍କୁ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସହକାରୀ ଯନ୍ତ୍ରୀ ମିଶ୍ର ଓ ଜିପିଇଓ ମଲ୍ଲିକଙ୍କ ଜନହିତକର କାର୍ଯ୍ୟକୁ ଉପସ୍ଥିତ ଅଧିକାରୀମାନେ ପ୍ରଶଂସା କରିଥିଲେ। ବିଡିଓ ମନୋଜ ଦେବତା ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ଉଭୟଙ୍କୁ ସମ୍ବର୍ଦ୍ଧିତ କରି ସେମାନଙ୍କ ଆଗାମୀ ଭବିଷ୍ୟତ ସୁଖମୟ କାମନା କରିଥିଲେ। ବ୍ଲକ ଅଧକ୍ଷ ସୁଷମା ପ୍ରଧାନ, ସହକାରୀ ନିର୍ବାହୀ ଯନ୍ତ୍ରୀ ଅସିତ ସେଠୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## କାଳ ବୈଶାଖୀରେ ଘର ଭାଙ୍ଗିଲା

ଫିରିଙ୍ଗିଆ, (ବିମଳ ଦିଗାଲ)କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକରେ କାଳ ବୈଶାଖୀ ଯୋଗୁ ପ୍ରବଳ ପବନ ବର୍ଷା ହୋଇଛି। ଏଥିସହ କୁଆପଥରମଧ୍ୟ ପଡିଛି। ପବନରେ ଡିଣ୍ଡିରା ଗାଁ ୫ନଂ. ୱର୍ଡର ଚୈତନ ରଣାଙ୍କ ଘର ଆଜବେଷ୍ଟସ ଭାଙ୍ଗି କ୍ଷତିଗ୍ରସ୍ତ ହୋଇଛି। ଫଳରେ ପରିବାର ଧରି ସେହି ଘରେ ରହିବାକୁ ଚୈତନ ହଇରାଣ ହେଉଛନ୍ତି। ତାଙ୍କୁ ପ୍ରଶାସନ ପକ୍ଷରୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ସୀମାନ୍ତବର୍ତ୍ତୀ ବିଦ୍ୟାଳୟ ପ୍ରତି ପ୍ରଶାସନର ନଜର ନାହିଁ

■ଅବ୍ୟବସ୍ଥା ଘେରରେ ସରକାରୀ ଆଶ୍ରମ ବିଦ୍ୟାଳୟ
■ବାରମ୍ବାର ସମସ୍ୟା ଜଣାଇ କିଛି ସୁଫଳ ମିଳିନି: ଭାରପ୍ରାପ୍ତ ପ୍ରଧାନଶିକ୍ଷକ

ବାଲିଗୁଡ଼ା,୩।୪(ସଞ୍ଜୟ କୁମାର ପାଣିଗ୍ରାହୀ)

ଅବ୍ୟବସ୍ଥାରେ ଚାଲିଛି ସରକାରୀ ଆଶ୍ରମ ବିଦ୍ୟାଳୟ। ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଛାତ୍ରୀଙ୍କ ପାଇଁ ରହିଥିବା ଏହି ପଢୁଥିବା ଛାତ୍ରୀଛାତ୍ରମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟାଳୟରେ ନା ଅଛି ଆବଶ୍ୟକ ଅନୁଯାୟୀ ଶୌଚାଳୟ ନା ପାଣିର ସୁବ୍ୟବସ୍ଥା। ସୁରକ୍ଷିତ ଶ୍ରେଣୀ ଗୃହ ମଧ୍ୟ ନାହିଁ। ବିପଦସଙ୍କୁଳ ଛାତ୍ରୀ ନିବାସରେ ରହୁଛନ୍ତି ଛାତ୍ରୀ। କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ କୋଟଗଡ଼ ବ୍ଲକ୍ ଅନ୍ତର୍ଗତ କନ୍ଧମାଳ-ରାୟଗଡ଼ା ଜିଲା ସୀମାନ୍ତବର୍ତ୍ତୀ ଅଞ୍ଚଳ ଦୁର୍ଗାପଙ୍ଗାସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଏହି ସମସ୍ୟା। ବିଦ୍ୟାଳୟଟି ଜିଲା ମୁଖ୍ୟାଳୟରୁ ପ୍ରାୟ ୧୬୦ କି.ମି. ଓ ବାଲିଗୁଡ଼ା ଉପଖଣ୍ଡରୁ ୮୦ କି.ମି. ଦୂରରେ ରହିଛି। ବିଦ୍ୟାଳୟରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୪ଶହ ଛାତ୍ରୀ ନିବାସରେ ରହି ପାଠ ପଢନ୍ତି। ସେମାନଙ୍କ ପାଇଁ ୧୨ ଶିକ୍ଷୟିତ୍ରୀ ଶିକ୍ଷକ ରହିଛନ୍ତି। ତେବେ ବିଦ୍ୟାଳୟ ପରିସରରେ ଥିବା ଛାତ୍ରୀ ନିବାସରେ ଆବଶ୍ୟକ ଅନୁଯାୟୀ ଶୌଚାଳୟ ନ ଥିବାରୁ ପିଲାମାନେ ଅସୁବିଧାର ସମ୍ମୁଖୀନ



ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ।

ହେଉଛନ୍ତି। ପାଣି ପାଇଁ ବିଦ୍ୟାଳୟରେ ରହିଥିବା ୪ଟି ବୋର୍‌ୱେଲ୍‌ରୁ କୌଣସି ଗୋଟିଏ ସୁଦ୍ଧା କାମ କରୁନାହିଁ। ଫଳରେ ବିଦ୍ୟାଳୟ ପରିସରରେ ଥିବା ନଳକୂପରୁ ଛାତ୍ରୀମାନେ ବାଲଟିରେ ପାଣି ବୋହି ନେଇ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ଖରାଦିନେ ନଳ କୂପରୁ ପାଣି ଶୁଖିଯାଏ। ଫଳରେ ଜଳ ସମସ୍ୟା ଆହୁରି ବଢିଯାଏ ବୋଲି କହନ୍ତି ଛାତ୍ରୀନିବାସ କର୍ମଚାରୀ। ଛାତ୍ରୀ ନିବାସରେ ମଧ୍ୟ ଛାତ୍ରୀମାନେ ବିପଦସଙ୍କୁଳ ଅବସ୍ଥାରେ ରହୁଛନ୍ତି। ଛାତରୁ ସିମେଣ୍ଟ ପ୍ଲାଷ୍ଟର ଝଡ଼ି ପଡୁଛି। ଅନେକ କୋଠରୀରେ ଖବାଟ ନାହିଁ। ଆମେ ଭୟରେ ବିପଦ ସଂକୁଳ ଅବସ୍ଥାରେ ଏଠି ରହୁଛୁ ବୋଲି କହିଛନ୍ତି ଏହାର ଅନ୍ତେବାସୀ। ସରକାରୀ ନିୟମ ଅନୁଯାୟୀ ୫୦ ଛାତ୍ରୀଙ୍କୁ ଜଣେ ଲେଖାଏ ସିସିଏ (କୁକ୍ କମ୍ ଆଟେଣ୍ଡାଣ୍ଟ) ରହିବା କଥା। ମାତ୍ର ଦୁର୍ଗାପାଙ୍ଗା ସରକାରୀ ଆଶ୍ରମ ବିଦ୍ୟାଳୟରରେ ୪ଶହ ଛାତ୍ରୀ ରହୁଥିବା ବେଳେ ସେମାନଙ୍କ ପାଇଁ ଅଛନ୍ତି ମାତ୍ର ୪ଜଣ ସିସିଏ। ସେଥିମଧ୍ୟରୁ ଜଣେ ମୁଖ୍ୟ ଫାଟକରେ ଏବଂ ଆଉ ଜଣେ କାର୍ଯ୍ୟାଳୟରେ କାର୍ଯ୍ୟରତ। ଅନ୍ୟ ୨ଜଣ ୪ଶହ ପିଲାଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରିବା କଷ୍ଟସାଧ ହୋଇ ପଡୁଛି। ବିଦ୍ୟାଳୟ ଛାତ୍ରୀନିବାସ ଏଭଳି ସମସ୍ୟା ଦେଇ ଗତି କରୁଥିବା ବେଳେ ବିଦ୍ୟାଳୟରେ ପିଲାଙ୍କ ପାଇଁ ଆବଶ୍ୟକ ଶ୍ରେଣୀଗୃହ ମଧ୍ୟ ନାହିଁ। ଫଳରେ ଛାତ୍ରୀଙ୍କୁ ଶିକ୍ଷାଦାନରେ ଅସୁବିଧା ହେଉଛି। ଏନେଇ ପ୍ରଶାସନ ଏବଂ ବିଭାଗୀୟ ଅଧିକାରୀଙ୍କୁ ବହୁବାର ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶରତ କୁମାର ସାହୁ କହିଛନ୍ତି। ଏ ସମ୍ପର୍କରେ କୋଟଗଡ ବ୍ଲକ ସମାଜ ମଙ୍ଗଳ ଅଧିକାରୀ ଦୀପକ କୁମାର ସିଂଙ୍କୁ ପଚାରିବାରୁ ସେ କହିଲେ ଏହି ଆଶ୍ରମ ବିଦ୍ୟାଳୟରେ ଯାହାକିଛି ସମସ୍ୟା ରହିଛି, ସେ ସମସ୍ତ ବିଷୟ ଲିଖିତ ଭାବେ ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କୁ ଅବଗତ କରାଯାଇଛି। ଖୁବଶୀଘ୍ର ସମସ୍ୟାଗୁଡିକର ସମାଧାନ ହୋଇଯିବ ବୋଲି ସେ ପ୍ରକାଶ କରିଥିଲେ। ସୀମାନ୍ତବର୍ତ୍ତୀ ଏହି ଆଶ୍ରମ ବିଦ୍ୟାଳୟ ସମସ୍ୟା ଦୂର କରିବାକୁ ଛାତ୍ରୀ ଓ ଅଭିଭାବକମାନେ ଦାବି କରିଛନ୍ତି।

# ପ୍ରବଳ ଖରାରେ ମିନିଟ୍ରକ୍‌ରେ ଲୋକବୁହା

## ନୀରବ ପୋଲିସ, ଆଞ୍ଚଳିକ ପରିବହନ ବିଭାଗ


ଖରା ସତ୍ତ୍ୱେ ଯାତ୍ରୀବାହୀ ମିନି ବସ୍‌ରେ ଛିଡା କରି ଯାତ୍ରୀ ନେଉଛନ୍ତି ଚାଳକ।

ଦାରିଙ୍ଗବାଡି,୩।୪ (ଅରୁଣ ସାହୁ):

ରାଜ୍ୟ ସରକାରଙ୍କ ବିପର୍ଯ୍ୟୟ ପରିଚାଳନା ପାଇଁ ଜିଲା ଓ ବ୍ଲକ୍‌ସ୍ତରରେ ବୈଠକ କରି ସୁବ୍ୟବସ୍ଥା କରାଯିବାକୁ କୁହାଯାଉଛି। ବିଶେଷ କରି ସକାଳ ୧୧ ଠାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହର ଅଧିକା ପ୍ରଭାବ ରହୁଥିବାରୁ ଯାତ୍ରୀଙ୍କ ସୁରକ୍ଷାକୁ ସରକାର ଅଧିକା ଗୁରୁତ୍ୱ ଦେଉଛନ୍ତି। ହେଲେ ଦାରିଙ୍ଗବାଡ଼ି ବ୍ଲକ୍ ଅଞ୍ଚଳରେ ସରକାରଙ୍କ ନିର୍ଦ୍ଦେଶକୁ ଫୁ କରାଯାଇଉଥିବା ଦେଖିବାକୁ ମିଳିଛି। ଏକ ଖୋଲା ମିନିଟ୍ରକ୍‌ରେ ଯାତ୍ରୀଙ୍କୁ ଧୁଧୁ ଖରାରେ ବୁହା ହେଉଛି। ହେଲେ ଏହା ଦେଖି ପୋଲିସ ପ୍ରଶାସନ ଓ ଆଞ୍ଚଳିକ ପରିବହନ ବିଭାଗ ନିରବ ବସିଛନ୍ତି। ନିୟମିତ ଏଭଳି ବେଆଇନ ଭାବେ ମିନିଟ୍ରକ୍ ଓ ବିଭିନ୍ନ ଖୋଲା ଟ୍ରକ୍‌ରେ ଯାତ୍ରୀଙ୍କୁ ବୁହାଯିବା ସହ କିଛି ଯାତ୍ରୀବାହି ବସରେ ମଧ୍ୟ ଏଭଳି ଛାତ ଉପରେ ଯାତ୍ରୀଙ୍କୁ ନିଆଯାଉଥିବା ନଜିର ରହିଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

## ସଂକ୍ଷେପରେ

### ୨୭ରୁ ବୈଶାଖୀ ମହୋତ୍ସବ, ବାଣିଜ୍ୟ ମେଳା

ଫୁଲବାଣୀ,୩।୪(ରାକେଶ କୁମାର ରାଉତ)

ଫୁଲବାଣୀ ବନାନୀ କଳା ସଙ୍ଗମଠାରେ ବୈଶାଖି ମହୋତ୍ସବ ଏବଂ ବାଣିଜ୍ୟ ମେଳା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୭ ତାରିଖରୁ ମେ' ୮ଯାଏ ୧୨ଦିନ ବ୍ୟାପୀ ଫୁଲବାଣୀସ୍ଥିତ କୋରୋନେଶନ ପଡିଆରେ ଏହା ହେବ ବୋଲି ନିଷ୍ପତ୍ତି ହୋଇଛି। ବୈଶାଖୀ ମହୋତ୍ସବ ଓ ବାଣିଜ୍ୟ ମେଳାରେ ପ୍ରାୟ ୨ଶହ ଷ୍ଟଲ କରାଯିବ । ବିଭିନ୍ନ ପ୍ରକାର ବାଇକ୍, ଇ-ବାଇକ୍, ଟ୍ରାକ୍ଟର, ଅଟୋ, କାର, ଟିଭି, ଫ୍ରିଜ, ଆଲମୀରା, ସୋଫା ସେଟ, ପମ୍ପ ସେଟ ଆଦି ବିଭିନ୍ନ ପ୍ରକାର ସାମଗ୍ରୀ ସହ ମୀନାବଜାର, ଘରକରଣା ଜିନିଷ, ଖେଳନା, ଡ୍ରେସ, ଶାଢ଼ୀ ଷ୍ଟଲ କରାଯିବ। ଏଥିସହ ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟର ଷ୍ଟଲ ବି ରହିବ । ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ନିଷ୍ପତି ହୋଇଛି । ମେଳାରେ ଅଧିକରୁ ଅଧିକ ଜନ ସମାଗମ ଯେପରି ହେବ ଓ ବ୍ୟବସାୟ ପାଇଁ ବ୍ୟାପକ ପ୍ରଚାର ପ୍ରସାର କରିବା ଦିଗରେ ଗୁରୁତ୍ୱ ଦିଆଯିବ ବୋଲି ସ୍ଥିର କରାଯାଇଛି। ମହୋତ୍ସବ କମିଟି ସଭାପତି ସୁନୀଲ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଉପଦେଷ୍ଟା ଲମ୍ବୋଦର କହଁର, ଜିଲ୍ଲା ନାଗରିକ ମଞ୍ଚ ସଭାପତି ଡ ଅରୂପ ଜେନା, କମିଟି ଅଧ୍ୟକ୍ଷ ରାଧା ମୋହନ ମହାପାତ୍ର, ସଂପାଦକ ଡ଼ କାହ୍ନୁ ଚରଣ ଶତପଥୀ, ସନ୍ତୋଷ ଦିଗାଲ, ସମୀର ଘଟାଲ, ଅବନୀ କଂହର, ପ୍ରସନ୍ନ କୁମାର ସ୍ୱାଇଁ ,ବିରେନ୍ଦ୍ର କହଁର, ସୁନିତି ଆଚାରି, ରୁପମ୍ବିକା ତ୍ରିପାଠୀ, ସରସତୀ ସାହୁ, ଶିବାନୀ ସୁଆର, ରୋଟାରୀ ବିରାଜିନୀ ମହାପାତ୍ରଙ୍କ ସମେତ ଅନ୍ୟମାନେ ଯୋଗଦେଇ ସେମାନଙ୍କ ମନ୍ତବ୍ୟ ରଖିଥିଲେ। କମିଟି ଉପ ସଭାପତି ସୁଜିତ ବେହେରା ଧନ୍ୟବାଦ ଦେଇଥିଲେ।

### ଗାଡ଼ି ଧକ୍କାରେ ଯୁବତୀ ମୃତ

ରମ୍ଭା,୩।୪(ବନବାସୀ ସେଠୀ)

ରମ୍ଭା ୧୬ ନମ୍ବର ଜାତୀୟ ରାଜପଥ ବାଇପାସର ଭାଲୁ ବନ୍ଧ ପାର୍ଶ୍ୱରେ ଏକ ଅଜଣା ଗାଡି ଧକ୍କାରେ ଜଣେ ଯୁବତୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ରମ୍ଭା ବଜାର ମେଦିରିସାହିର ନୀଳାମ୍ବର ବେହେରାଙ୍କ ସାନଝିଅ ସୁଲୋଚନା ( ୨୯)। ସେ ପାହାନ୍ତିଆ ସମୟରେ ଠାକୁରାଣୀ ମନ୍ଦିର ନିକଟରେ ଥିବା ପୋଖରୀକୁ ଗାଧୋଇବାକୁ ଯାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଗାଡି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ସୁଲୋଚନାଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ଛତ୍ରପୁର ହସ୍ପିଟାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି।

### ଆଦିବାସୀ ମହାବିଦ୍ୟାଳୟକୁ ସରକାରୀକରଣ ପାଇଁ ଦାବିପତ୍ର

ବାଲିଗୁଡ଼ା,୩।୪(ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ାସ୍ଥିତ ଆଦିବାସୀ ମହାବିଦ୍ୟାଳୟକୁ ଚଳିତ ଶିକ୍ଷା ବର୍ଷରୁ ସରକାରୀକରଣ କରିବା ପାଇଁ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପକ୍ଷରୁ ସ୍ଥାନୀୟ ଉପଜିଲାପାଳ ଡ଼ା. ରୀନା ପ୍ରଧାନଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଛାତ୍ରୀଛାତ୍ରମାନେ ଏହି ଅଞ୍ଚଳରେ ଉଚ୍ଚ ଶିକ୍ଷାକୁ ଅଧିକ ସୁଗମ କରିବା, ଆର୍ଥିକ ବୋଝ କମ କରିବା, ଉନ୍ନତ ଭିତ୍ତିଭୂମି ବିକାଶ ପାଇଁ ଉପଜିଲାପାଳଙ୍କୁ ଅନୁରୋଧ କରି ଆଦିବାସୀ ମହାବିଦ୍ୟାଳୟକୁ ସରକାରୀ କରଣ ପାଇଁ ସରକାରଙ୍କୁ ସୁପାରିସ କରିବାକୁ ସେମାନେ ନିବେଦନ କରିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଛାତ୍ରୀଛାତ୍ରମାନେ ମୁଖ୍ୟମନ୍ତ୍ରୀ, ଉଚ୍ଚ ଶିକ୍ଷାମନ୍ତ୍ରୀ, କନ୍ଧମାଳ ଏମ୍‌ପି, ଫୁଲବାଣୀ ବିଧାୟକ, ଆଦିବାସୀ କଲ୍ୟାଣ ବିଭାଗ ମନ୍ତ୍ରୀ, କନ୍ଧମାଳ ଜିଲାପାଳଙ୍କୁ ଏ ବିଷୟରେ ଦାବିପତ୍ର ଦେଇଛନ୍ତି।

### ଦୁର୍ଗମ ଅଞ୍ଚଳରେ କାର୍ଯ୍ୟ ତଦାରଖ କଲେ ବିଡିଓ

ରାଇକିଆ,୩।୪ (ପ୍ରଦୀପ ବେହେରା)

ବିଡିଓ ସବ୍ୟସାଚୀ ସାହୁ ବ୍ଲକ୍‌ର ବିଭିନ୍ନ ଅପହଞ୍ଚ ଅଞ୍ଚଳରେ ପହଞ୍ଚି ଉନ୍ନୟନ କାର୍ଯ୍ୟ ତଦାରଖ କରୁଛନ୍ତି। ବିଶେଷ କରି ସେ କରଡ଼ା, ଇନ୍ଦ୍ରଗଡ଼, ରଣବା ଭଳି ଦୁର୍ଗମ ପଞ୍ଚାୟତର ଆଭ୍ୟନ୍ତରୀଣ ଅଞ୍ଚଳରେ ସାଧାରଣ ସୁବିଧା ପାଇଁ ପ୍ରାଥମିକତା ଦେଉଛନ୍ତି। ବୁଧବାର ଉପରୋକ୍ତ ୩ ପଞ୍ଚାୟତରେ ବିଡିଓ ସ୍ୱାସ୍ଥ୍ୟ କେନ୍ଦ୍ରଠାରୁ ଆରମ୍ଭ କରି ବିଭିନ୍ନ ଯୋଜନାରେ ନିର୍ମାଣାଧୀନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଲୋକଙ୍କ ଆବଶ୍ୟକତାକୁ ନେଇ ମଧ୍ୟ ସେ ସରପଞ୍ଚ ଏବଂ ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ବିଡ଼ିଓଙ୍କ ସହ ସହକାରୀ ଯନ୍ତ୍ରୀ ବର୍ଷ୍ଟି ଚୌଧୁରୀ, କନିଷ୍ଠ ଯନ୍ତ୍ରୀ ବିକାଶ ନାୟକ, ବ୍ଲକ୍‌ପ୍ରୋଗ୍ରାମ କୋର୍ଡିନେଟର କମଲ ନାୟକ ଏବଂ ପିଇଓ ଉପସ୍ଥିତ ଥିଲେ।

# ପାରମ୍ପରିକ ପୋଷାକ ପରିଧାନ ଅଭିଯାନ


ଜିଲ୍ଲାପାଳ ଓ ଅନ୍ୟମାନେ ପାରମ୍ପରିକ ପୋଷାକ ପରିଧାନ କରିଛନ୍ତି।

ଛତ୍ରପୁର,୩।୪(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):

ରାଜ୍ୟରେ ଏପ୍ରିଲ ୧ ତାରିଖରୁ ଓଡ଼ିଆ ପକ୍ଷ ପାଳନ ଚାଲିଛି। ଗୁରୁବାର ଥିଲା ପାରମ୍ପରିକ ପୋଷାକ ପରିଧାନ ଦିବସ। ଓଡ଼ିଶାର ପାରମ୍ପରିକ ପୋଷାକ, ହସ୍ତତନ୍ତ ଏବଂ ବୟନ ଶିଳ୍ପର ଗୌରବକୁ ଉଜାଗର କରିବା ଏହାର ଉଦ୍ଦେଶ୍ୟ। ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଉପସ୍ଥିତିରେ ଆବାସିକ କାର୍ଯ୍ୟାଳୟରେ ଏହି ଦିବସ ପାଳନ ଅବସରରେ ଜିଲାପାଳ ଓ ଅନ୍ୟ ଅଧିକାରୀ, କର୍ମଚାରୀମାନେ ଓଡିଆ ପାରମ୍ପରିକ ଓ ହସ୍ତତନ୍ତ ପୋଷାକ ପରିଧାନ କରିଥିଲେ। ସେହିପରି ଜିଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଦେବଦତ୍ତ ପଣ୍ଡା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରାଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ମଧ୍ୟ ପାରମ୍ପରିକ ପୋଷାକ ପରିଧାନ କରିଥିଲେ। ଗଞ୍ଜାମ ଜିଲା ପରିଷଦ ଭବନ କାର୍ଯ୍ୟାଳୟରେ ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁମିତାଙ୍କ ଉପସ୍ଥିତିରେ ମଧ୍ୟ ଏହି ଦିବସ ପାଳନ କରାଯାଇଛି।

### ପଡୋଶୀଙ୍କ ଠେଙ୍ଗା ମାଡ଼ରେ ବାପ, ପୁଅ ଆହତ

ଦିଗପହଣ୍ଡି,୩।୪(ଅଶେଷ ନାଥ ମିଶ୍ର)–

ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମ ଠାକୁରାଣୀ ଛକରେ ରହୁଥିବା ସନ୍ତୋଷ ନାଇକ ଏବଂ ତାଙ୍କ ପୁଅ ପିଣ୍ଟୁଙ୍କୁ ପଡୋଶୀ ସୀମାଞ୍ଚଳ ନାଇକ ବାଉଁଶ ଠେଙ୍ଗାରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ସନ୍ତୋଷ ଏନେଇ ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି। ଆଇଆଇସି ପ୍ରଶାନ୍ତ ପାତ୍ର ନଂ.୧୨୮/୨୫ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ନିମନ୍ତେ ଏଏସ୍‌ଆଇ ମନୋଜ ସିଂଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଖବରରୁ ଜଣାପଡିଛି, ବ୍ୟବସାୟିକ ଶତ୍ରୁତାକୁ କେନ୍ଦ୍ରକରି ବୁଧବାର ସକାଳେ ସୀମାଞ୍ଚଳ ତାଙ୍କ ପଡୋଶୀ ସନ୍ତୋଷଙ୍କୁ ଗାଳିଗୁଲଜ କରିଥିଲେ। ସେ ଏହାର ପ୍ରତିବାଦ କରିବାରୁ ଏକ ଛୁରୀ ଧରି ତାଙ୍କୁ ଜୀବନରେ ମାରିଦେବାକୁ ସୀମାଞ୍ଚଳ ଧମକଚମକ ଦେଇ ଆକ୍ରମଣ ପାଇଁ ଉଦ୍ୟମ କରିଥିଲେ। ଏହି ସମୟରେ ସନ୍ତୋଷଙ୍କ ପୁଅ ପିଣ୍ଟୁ ଦୌଡ଼ି ଆସି ଛଡାଛଡି କରିବାରୁ ସୀମାଞ୍ଚଳ ଏକ ବାଉଁଶ ଠେଙ୍ଗାରେ ଉଭୟଙ୍କୁ ମାଡ଼ ମାରିଥିଲେ। ଏଥିରେ ବାପପୁଅ ଉଭୟେ ଆହତ ହୋଇଥିଲେ।

# ମୋ ପୋଷାକ, ମୋ ପରିଚୟ କାର୍ଯ୍ୟକ୍ରମ



ବ୍ଲକରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ।

ଭଞ୍ଜନଗର,୩।୪(ବାବୁଲା ପ୍ରଧାନ):

ଭଞ୍ଜନଗର ବ୍ଲକ ସମ୍ମିଳନୀ କକ୍ଷରେ ଗୁରୁବାର ମୋ ପୋଷାକ, ମୋ ପରିଚୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆମ ବସ୍ତ୍ର ହେଉଛି ଆମ ସ୍ୱାଭିମାନ ଓ ପରିଚୟ। ସମସ୍ତେ ହସ୍ତତନ୍ତ ପୋଷାକ ପିନ୍ଧିବା। ଏହାଦ୍ୱାରା ଆମ ଅଞ୍ଚଳର ବୁଣାକାରମାନେ ରୋଜଗାର ପାଇବେ। ଏଥିସହ ଅଞ୍ଚଳର ଅର୍ଥନୀତି ମଧ୍ୟ ଆଗେଇ ପାରିବ। ଏହି ଲକ୍ଷ୍ୟ ନେଇ ପାରମ୍ପରିକ ପୋଷାକ ପରିଧାନ ଦିବସ ପାଳନ ହେଉଛି ବୋଲି କାର୍ଯ୍ୟକ୍ରମରେ ଯୋଗଦେଇ ବକ୍ତାମାନେ କହିଥିଲେ। ଏଥିରେ ବିଡ଼ିଓ ପୂର୍ଣ୍ଣଚନ୍ଦ୍ର ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସହକାରୀ ଯନ୍ତ୍ରୀ ପାତ୍ର, ଯନ୍ତ୍ରୀ ରବିନ୍ଦ୍ର କୁମାର ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ନିତ୍ୟାନନ୍ଦ ପାତ୍ର, ବ୍ଲକ ଯୋଗାଣ ବିଭାଗ ଅଧିକାରୀ ଶୁଭଶ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ କର୍ମଚାରୀ ମାନେ ହସ୍ତତନ୍ତ କପଡା ପିନ୍ଧି କାର୍ଯ୍ୟାଳୟକୁ ଆସିଥିଲେ। ସେହିପରି ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ସମେତ ଅନ୍ୟାନ୍ୟ କାର୍ଯ୍ୟାଳୟର କର୍ମଚାରୀ ମାନେ ମଧ୍ୟ ହସ୍ତତନ୍ତ ପୋଷାକ ପିନ୍ଧି କାର୍ଯ୍ୟାଳୟକୁ ଆସିଥିଲେ।

# ଓଡ଼ିଆ ପକ୍ଷ ଅବସରରେ ପାରମ୍ପରିକ ପୋଷାକ ପରିଧାନ

ପାରଳାଖେମୁଣ୍ଡି,୩।୪(ଗିରିଧାରୀ ପରିଚ୍ଛା)

ରାଜ୍ୟ ବ୍ୟାପୀ ଓଡ଼ିଆ ପକ୍ଷ ପାଳନ ଅବସରରେ ଗଜପତି ଜିଲାରେ ମଧ୍ୟ ଆମ ପୋଷାକ ଆମ ପରିଚୟ କାର୍ଯ୍ୟକ୍ରମ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମିଞ୍ଜଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲା ପରିଷଦ ଶଙ୍କର କେରକେଟା, ଉପଜିଲାପାଳ ଅନୁପ ପଣ୍ଡା, ଜିଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ ଓ ଜିଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲାର ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ


ପାରମ୍ପରିକ ପୋଷାକ ପରିଧାନ କରିଥିବା ଅଧିକାରୀ ଓ କର୍ମଚାରୀମାନେ।

ପାରମ୍ପରିକ ହସ୍ତତନ୍ତ୍ର ପୋଷାକ ପରିଧାନ କରିଥିଲେ। ଓଡିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶରେ ଓଡ଼ିଶା ଦିବସ ୧ ଅପ୍ରେଲଠାରୁ ମହାବିଷୁବ ସଂକ୍ରାନ୍ତି ୧୪ ଅପ୍ରେଲ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ ହେଉଛି। ଏହି ଅବସରରେ ପ୍ରତ୍ୟେକ ଦିନ ବିଭିନ୍ନ ବିଭାଗ ଦ୍ୱାରା ଭିନ୍ନଭିନ୍ନ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର କରାଯାଇଛି।

# ଶପଥ ନେଲେ ନବ ନିର୍ବାଚିତ ଓକିଲ ସଂଘ କର୍ମକର୍ତ୍ତା

ପୁରୁଷୋତ୍ତମପୁର,୩।୪ (ସିମାଞ୍ଚଳ ମିଶ୍ର)

ପୁରୁଷୋତ୍ତମପୁର ଓକିଲ ସଂଘର ନବ ନିର୍ବାଚିତ କର୍ମକର୍ତ୍ତା ମାନେ ଗୁରୁବାର ଶପଥ ନେଇ ନିଜନିଜର ଦାୟିତ୍ୱ ଗ୍ରହଣ କରିଛନ୍ତି। ଓକିଲ ସଂଘ କକ୍ଷରେ ଆୟୋଜିତ ସଭାରେ ନବ ନିର୍ବାଚିତ ସଭାପତି କୃଷ୍ଣଚନ୍ଦ୍ର ଗୌଡ, ଉପସଭାପତି ଦୁର୍ଗାଚରଣ ଦାଶ, ସମ୍ପାଦକ ରବିନ୍ଦ୍ର ସାହୁ, ଯୁଗ୍ମ ସମ୍ପାଦକ କେ.ସଶାଙ୍କ ଶେଖର ରାଓ ଶପଥ ଗ୍ରହଣ କରିଥିଲେ। ନିର୍ବାଚନ ଅଧିକାରୀ ବରିଷ୍ଠ ଆଇନଜୀବୀ ବାସୁଦେବ ଜେନା ସେମାନଙ୍କୁ ଶପଥପାଠ କରାଇଥିବା ବେଳେ ସଂଘପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପୂର୍ବତନ ସଭାପତି ସ୍ୱରାଜ୍ୟ ପାଣିଗ୍ରାହୀ ଓ ସମ୍ପାଦକ ପ୍ରଶାନ୍ତ ପାଢୀ ନୂତନ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ସଂଘର ବିକାଶ ଲାଗି ନବନିର୍ବାଚିତ କର୍ମକର୍ତ୍ତାମାନେ ସମସ୍ତ ସଭ୍ୟଙ୍କ ସହଯୋଗ ଲୋଡ଼ିଛନ୍ତି। ଏହି କାର୍ଯ୍ୟକ୍ରମରେ ବାର୍ ଆସୋସିଏସନର ବହୁ ସଦସ୍ୟ ଯୋଗ ଦେଇଥିଲେ।


ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି ।

# ମାଁ ବରାଳ ଦେବୀଙ୍କ ଦର୍ଶନ କଲେ ପଞ୍ଚାୟତିରାଜ, ପାନୀୟ ଜଳ ବିଭାଗ କମିଶନର

ଖଜୁରୀପଡ଼ା,୩।୪( ବିଦୁର ବେହେରା)

ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ଶକ୍ତି ପୀଠ ବଲସକୁମ୍ପାସ୍ଥିତ ପ୍ରତ୍ୟକ୍ଷ ଅଧିଷ୍ଠାତ୍ରୀ ଦେବୀ ମା'ବରାଳ ଦେବୀ କେଉଁ ଅନାଦି କାଳରୁ ମା' ପୂଜା ପାଉଛନ୍ତି। ବୁଧବାର ମା'ଙ୍କ ଦର୍ଶନ କରିଛନ୍ତି ପଞ୍ଚାୟତିରାଜ, ପାନୀୟ ଜଳ ବିଭାଗ କମିଶନର ତଥା ଶାସନ ସଚିବ ଗିରିଶ ଏସ.ଏନ.। ମା'ଙ୍କ ଦର୍ଶନ କରିବା ପରେ ସେ ମନ୍ଦିର ଉନ୍ନତି ଓ ସୌନ୍ଦର୍ଯ୍ୟକରଣ ଉପରେ ମନ୍ଦିର କମିଟି ସହିତ ଆଲୋଚନା କରିଥିଲେ। ମନ୍ଦିର ଗେଟ ନିର୍ମାଣ, ଗୃହ ନିର୍ମାଣ, ଚଟାଣରେ ଫେବ୍ରିକେଶନ କାର୍ଯ୍ୟରେ ବିଳମ୍ବ ହେଉଥିବା ଆଲୋଚନା ବେଳେ ଜାଣିବାକୁ ପାଇଥିଲେ। ଏସବୁ ସମସ୍ୟା ଉପରେ ସେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ସମୟରେ ଖଜୁରୀପଡ଼ା ବିଡ଼ିଓ ଶୁଭ ଦତ୍ତାତ୍ରେୟ ବାହିନୀପତି, ଫୁଲବାଣୀ ବ୍ଲକ ବିଡ଼ିଓ ସୌମ୍ୟ ରଞ୍ଜନ ପାତ୍ର ଏବଂ ସିଡିଓ ଶମ୍ଭୁନାଥ ନନ୍ଦୀ ଉପସ୍ଥିତ ଥିଲେ।


ମା'ବରାଳ ଦେବୀଙ୍କୁ ଦର୍ଶନ କରୁଛନ୍ତି କମିଶନର ଗିରିଶ ଏସ.ଏନ.।

# ମାଳିକାପଡ଼ି-କଳିଙ୍ଗା ରାସ୍ତା ଶୋଚନୀୟ

ଜି.ଉଦୟଗିରି,୩।୪ (ଚିନ୍ମୟ କୁମାର ସେଠୀ)

ଜି.ଉଦୟଗିରି ବ୍ଲକ କାର୍ଯ୍ୟାଳୟଠାରୁ ମାଳିକାପଡ଼ି ପଞ୍ଚାୟତ ଦେଇ କଳିଙ୍ଗା ପଞ୍ଚାୟତର ରାଇପଦାକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତାଟି ଶୋଚନୀୟ ହୋଇପଡ଼ିଛି। ଦୀର୍ଘ ବର୍ଷ ହେବ ଖାଲଖମାରେ ପରିପୂର୍ଣ୍ଣ ଏହି ରାସ୍ତାରେ ଯାତାୟାତ କରିବା ଲାଗି ଅଞ୍ଚଳବାସୀ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଉକ୍ତ ରାସ୍ତା ଉପରେ ପାଙ୍ଗାନାଜୁ, ବାଡ୍ରେନାଜୁ, ମାଳିକାପଡ଼ି, କୁମ୍ଭାରକୁପା, ବଡିଙ୍ଗିଆ, ସୁଜେଲି, କୁରୁମିଙ୍ଗିଆ ସହ ଅନ୍ୟ ଗ୍ରାମର ଗ୍ରାମବାସୀ ନିର୍ଭର କରିଥାନ୍ତି। ପ୍ରତେହ ଜି.ଉଦୟଗିରିକୁ ସ୍କୁଲ ଓ କଲେଜକୁ ପିଲାମାନେ ଆସୁଛନ୍ତି। ରାସ୍ତା ଖରାପ ଯୋଗୁ ସାଇକେଲ, ଦୁଇଚକିଆ ଓ ଅଟୋରେ ଯାତାୟାତ କରିବା ମଧ୍ୟ କଷ୍ଟକର ହେଉଛି। ଅନେକ ସମୟରେ ଦୁର୍ଘଟଣା ମାନ ଘଟୁଛି। ଏନେଇ ବାରମ୍ବାର ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଜଣାଇଥିଲେ ମଧ୍ୟ ରାସ୍ତା ମରାମତି ହେଉନାହିଁ। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଏହି ରାସ୍ତା ମରାମତି କରିବାକୁ ମାଳିକପଡି ପୂର୍ବତନ ସରପଞ୍ଚ ଜମେସ ପ୍ରଧାନ, ବର୍ତ୍ତମାନର ସରପଞ୍ଚ ଝରଣା ପ୍ରଧାନଙ୍କ ସହ ଗ୍ରାମବାସୀ।

# ବ୍ରହ୍ମପୁରରେ ଏନ୍‌ଆଇପିଇଆର୍ ପ୍ରତିଷ୍ଠା ଦାବି



ଏନ୍‌ଆଇପିଇଆର ପ୍ରତିଠୋ ପାଇଁ ପ୍ରଗତିଶୀଳ ଉତ୍କଳ ସମାଜ ପକ୍ଷରୁ କର୍ମକର୍ତ୍ତାମାନେ ଦାବି ଜଣାଉଛନ୍ତି।

ଛତ୍ରପୁର,୩।୪(ସନ୍ତୋଷ ପାଢ଼ୀ/ ଦିଲୀପ ସାମଲ):

ଗଞ୍ଜାମ ଜିଲ୍ଲାରେ ନ୍ୟାଶନାଲ ଇନଷ୍ଟିଚ୍ୟୁଟ ଅଫ ଫାର୍ମାସିଟିକାଲ ଏଜୁକେଶନ ଆଣ୍ଡ ରିସର୍ଚ୍ଚ (ଏନ୍‌ଆଇପିଇଆର୍) ପ୍ରତିଷ୍ଠା ପାଇଁ ପ୍ରଗତିଶୀଳ ଉତ୍କଳ ସମାଜ ତରଫରୁ ଦାବି ହୋଇଛି। ଏନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବ୍ରହ୍ମପୁରରେ ରାଜ୍ୟ ତଥା ସମଗ୍ର ପୂର୍ବ ଭାରତର ସର୍ବପ୍ରାଚୀନ ଏବଂ ପ୍ରଥମ ଫାର୍ମା ପ୍ରତିଷ୍ଠାନ ରହିଛି। ଏନ୍‌ଆଇପିଇଆର ପ୍ରତିଷ୍ଠା ପାଇଁ ଏକ ବଡ଼ ପରିମାଣର ଜମି ଏକ ପ୍ରମୁଖ ଆବଶ୍ୟକତା। ବ୍ରହ୍ମପୁର ଉପକଣ୍ଠ ପାତି ସୁନାପୁର, ଲୌଡିଗାଁ, ସୋରୋଳ, ହୁମା ଏବଂ ବ୍ରହ୍ମପୁର ରିଙ୍ଗରୋଡ ଚାରିପାଖରେ ବହୁତ ଜମି ଅଛି। ଓଡ଼ିଶା ସରକାର ତୁରନ୍ତ ଏହି ପ୍ରକଳ୍ପ ପାଇଁ ଆବଶ୍ୟକ ଜମି ଏବଂ ଭିତ୍ତିଭୂମି ସହାୟତା ଯୋଗାଇପାରିବେ। ଏହାଛଡା ବ୍ରହ୍ମପୁର ସହର ସଡ଼କ, ରେଳ ଏବଂ ବିମାନ ଦ୍ୱାରା ଦେଶର ସମସ୍ତ ଅଞ୍ଚଳ ସହିତ ଭଲ ଭାବରେ ସଂଯୁକ୍ତ ରହିଛି। କିଛିଦିନ ତଳେ ଗଞ୍ଜାମ ଜିଲାର ମନ୍ତ୍ରୀ, ଏମ୍‌ପି ଓ ବିଧାୟକମାନଙ୍କ ପକ୍ଷରୁ ପତ୍ର ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ବ୍ରହ୍ମପୁରରେ ଏନ୍‌ଆଇପିଇଆର୍ ପ୍ରତିଷ୍ଠା ପାଇଁ ଅନୁରୋଧ କରି ଚିଠି ଲେଖାଯାଇଥିଲା। ଏବେ ପ୍ରଗତିଶୀଳ ଉତ୍କଳ ସମାଜ ଏହି ଦାବି ଉଠାଇଛି। ସ୍ମାରକପତ୍ର ପ୍ରଦାନ ବେଳେ ପ୍ରଗତିଶୀଳ ଉତ୍କଳ ସମାଜର ରାଜ୍ୟ ସମ୍ପାଦକ ତଥା ଆଇନଜୀବୀ ସରୋଜ ରଞ୍ଜନ ପଟ୍ଟନାୟକଙ୍କ ସମେତ ବିଭିନ୍ନ ଅନ୍ୟ ଗଣ ସଂଗଠନର କାର୍ଯ୍ୟକର୍ତ୍ତା ତଥା ସମାଜିକ କର୍ମୀ ବିନୋଦ ଠାକୁର, ସୁରେନ୍ଦ୍ର ନାଥ ରାଉତ, ଅବନୀ ଗୟା ପ୍ରମୁଖ ଉପସ୍ଥିତ ଥିଲେ।

